# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**30 June - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ  ଦେଶବାସୀଙ୍କ ସହ ଭାବ ବିନିମୟ କଲେ ପ୍ରଧାନମନ୍ତ୍ରୀ

— ସାଧାରଣ ନିର୍ବାଚନରେ ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ ରଖୁଥିବାରୁ ଦେଶବାସୀଙ୍କୁ ଜଣାଇଲେ କୃତଜ୍ଞତା

- ଦେଶରେ ଆସନ୍ତାକାଲିଠାରୁ ଲାଗୁ ହେବ ୩ଟି ନୂଆ ଅପରାଧିକ ଆଇନ୍
- ବିଜେପି ପକ୍ଷରୁ ଆୟୋଜିତ ବିଜୟ ସମ୍ବର୍ଦ୍ଧନା ଉତ୍ସବରେ  ସାଂସଦ, ବିଧାୟକ ଏବଂ ଦଳୀୟ କର୍ମୀ ମାନେ ରାଜ୍ୟବାସୀଙ୍କୁ ଜଣାଇଲେ କୃତଜ୍ଞତା

ଏବଂ

- ଲଘୁଚାପର ପ୍ରଭାବରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ବର୍ଷା

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୃତୀୟ ଥର ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହିତ ଭାବ ବିନିମୟ କରିଛନ୍ତି। ମନ୍ କୀ ବାତ୍‌ର ୧୧୧ତମ ସଂସ୍କରଣରେ ଶ୍ରୀ ମୋଦୀ ନିକଟରେ ଶେଷ ହୋଇଥିବା ନିର୍ବାଚନ ସମ୍ପର୍କରେ କହିଛନ୍ତି, ୨୦୨୪ର ନିର୍ବାଚନ ବିଶ୍ୱର ସବୁଠାରୁ ବଡ଼ ନିର୍ବାଚନ, ଯେଉଁଥିରେ ୬୫ କୋଟି ଭୋଟର ମତଦାନରେ ସାମିଲ ହୋଇଥିଲେ। ଦେଶବାସୀ ସମ୍ବିଧାନ ଏବଂ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଅତୁଟ ବିଶ୍ୱାସ ଓ ଭରସା ଦେଖାଇଥିବାରୁ ଦେଶବାସୀଙ୍କୁ ଧନ୍ୟବାଦ ଜଣାଇବା ସହିତ ନିର୍ବାଚନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଆଜି ହେଉଛି ଏକ ମହତ୍ୱପୂର୍ଣ୍ଣ ଦିବସ। ଆଜିର ଦିବସକୁ ହୁଲ୍ ଦିବସ ଭାବେ ପାଳନ କରାଯାଉଛି । ବ୍ରିଟିଶ ଅତ୍ୟାଚାରକୁ ବିରୋଧ କରୁଥିବା ସିଦ୍ଧୁ ଏବଂ କାହ୍ନୁଙ୍କ ସାହସ ସହିତ ଏହା ଜଡିତ ବୋଲି ସେ କହିଛନ୍ତି । ଝାଡ଼ଖଣ୍ଡର ସାନ୍ତାଳ ପ୍ରଗଣରେ ୧୮୫୫ ମସିହାରେ ହଜାର ହଜାର ସନ୍ଥାଲ ଲୋକ ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ ପାଇଁ ଏକତ୍ରିତ ହୋଇଥିଲେ । ଏହି ସଂଗ୍ରାମରେ ସାହସିକତା ପ୍ରଦର୍ଶନ କରୁଥିବା ସମୟରେ ବୀରସିଦ୍ଧୁ ଏବଂ କାହ୍ନୁମାନେ ସହିଦ ହୋଇଥିଲେ । ଏହି ସୁପୁତ୍ରମାନଙ୍କର

ବଳିଦାନ ଆଜି ବି ଲୋକମାନଙ୍କୁ ପ୍ରେରଣା ଯୋଗାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଯୋଗ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ସମଗ୍ର ବିଶ୍ୱରେ ଦଶମ ଯୋଗଦିବସ ଉତ୍ସାହର ସହ ପାଳନ କରାଯାଇଛି । ପ୍ରତିବର୍ଷ ଯୋଗଦିବସ ଅବସରରେ ନୂତନ ରେକର୍ଡ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ନୀଳନଦୀ ଏବଂ ଲୋହିତ ସାଗର କୂଳରେ ଲକ୍ଷଲକ୍ଷ ଲୋକ ଯୋଗ ପ୍ରଦର୍ଶନ କରୁଥିବା ଫଟୋ ଲୋକପ୍ରିୟ ହୋଇଛି । ମାର୍ଶଲ ଦ୍ୱୀପପୁଞ୍ଜର ରାଷ୍ଟ୍ରପତି ମଧ୍ୟ ପ୍ରଥମଥର ପାଇଁ ସେଠାରେ ଯୋଗ ଦିବସର ଆୟୋଜନ କରିଥିଲେ । ଯୋଗଦିବସ ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ଶ୍ରୀ ମୋଦୀ କୃତଜ୍ଞତା ଜଣାଇଛନ୍ତି । ଆସନ୍ତା ମାସରେ ପ୍ୟାରିସ୍ ଅଲମ୍ପିକ୍ ଆରମ୍ଭ ହେବାକୁ ଯାଉଥିବାରୁ ଭାରତୀୟ ଦଳକୁ ଏଥିପାଇଁ ଶୁଭକାମନା ଜଣାଇଛନ୍ତି ।

ଆକାଶବାଣୀର ସଂସ୍କୃତ ସମ୍ବାଦ ପ୍ରସାରଣ ଆଜି ୫୦ବର୍ଷ ପୂରଣ କରିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆକାଶବାଣୀ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି । ସଂସ୍କୃତକୁ ସମ୍ମାନ ଦେବା ସହ ଦୈନନ୍ଦିନ ଜୀବନ ସହିତ ସଂଯୁକ୍ତ କରାଯିବା ଉଚିତ୍ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆଉ ଏକ ସପ୍ତାହ ପରେ ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଆରମ୍ଭ ହେବାକୁ ଯାଉଛି । ପ୍ରଭୁ ଜଗନ୍ନାଥଙ୍କ କୃପା ଦେଶବାସୀଙ୍କ ଉପରେ ରହିଥାଉ ବୋଲି ଶ୍ରୀ ମୋଦୀ ଆଶା କରିଛନ୍ତି । ଅମରନାଥ ଯାତ୍ରା ଏବଂ ପନ୍ଦରପୁରାଓ୍ୱାରୀ ସମ୍ପର୍କରେ ଉଲ୍ଲେଖ କରି ଏହି ଯାତ୍ରାରେ ଅଂଶଗ୍ରହଣ କରୁଥିବା ସବୁ ଶ୍ରଦ୍ଧାଳୁମାନଙ୍କୁ ସେ ଶୁଭକାମନା ଜଣାଇଛନ୍ତି ।ଭାରତର ସମୃଦ୍ଧ

ସଂସ୍କୃତି, ଇତିହାସ ଏବଂ ବିକଶିତ ଭାରତ ପ୍ରୟାସ ପାଇଁ ମନ୍ କି ବାତ୍ ଆଲୋଚନା ଜାରି ରହିବ ବୋଲି  ପ୍ରଧାନମନ୍ତ୍ରୀ କହିଛନ୍ତି ।

## ୩ ନୂଆ ଆଇନ୍ ବ୍ୟବସ୍ଥା

ଦେଶର ଆଇନ୍ ବ୍ୟବସ୍ଥାରେ ଆସନ୍ତାକାଲିଠାରୁ ନୂଆ ୩ଟି ଆଇନ୍ କାର୍ଯ୍ୟକାରୀ ହେବ। ୧୮୬୦ ମସିହାର ବ୍ରିଟିଶ୍ ଆଇନ୍ ଭାରତୀୟ ପିଙ୍ଗଳକୋର୍ଡ-ଆଇପିସି  ବଦଳରେ ଭାରତୀୟ ନ୍ୟାୟ ସଂହିତା-୨୦୨୩, ଭାରତୀୟ ଫୌଜଦାରୀ ଆଇନ୍-୧୯୭୩ ବଦଳରେ  ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ ଏବଂ ୧୮୭୨ ମସିହାର ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ସ୍ଥାନରେ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ କାର୍ଯ୍ୟକାରୀ ହେବ। ଲାଗୁ ହେବାକୁ ଥିବ ଏହି ୩ଟି ନୂଆ ଆଇନ୍  ପୁଲିସ୍ ଏବଂ ତଦନ୍ତ ବ୍ୟବସ୍ଥାକୁ ଆଧୁନିକ ଯୁଗକୁ ଆଣିବ ବୋଲି  ଆଇନ୍ ବିଶେଷଜ୍ଞମାନେ କହିଛନ୍ତି।

ଗତବର୍ଷ ସଂସଦର ଶୀତକାଳୀନ ଅଧିବେଶନରେ ଏହି ଆଇନ୍ ସମ୍ବନ୍ଧୀୟ ୩ଟି ବିଲ୍ ଗୃହୀତ ହୋଇଥିଲା।

ସୂଚନାଯୋଗ୍ୟ, ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବାପରେ ମଧ୍ୟ ବ୍ରିଟିଶ ଶାସନ ସମୟର ପ୍ରଚଳିତ ଏହି ୩ଟି ଆଇନ୍ ସ୍ୱାଧୀନ ଭାରତରେ ବଳବତ୍ତର ଥିଲ। ନୂଆ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଭାରତୀୟ ନାଗରିକଙ୍କ ସମ୍ବିଧାନ ଅନୁସାରେ ସମସ୍ତଙ୍କୁ ଅଧିକାର, ନ୍ୟାୟ ଏବଂ ସୁରକ୍ଷା ଦେବା।  ପ୍ରଯୁକ୍ତିବିଦ୍ୟା ଓ ବୈଜ୍ଞାନିକ ଜ୍ଞାନକୌଶଳ ଆଧାରରେ ନୂଆ ଧରଣର ଅପରାଧକୁ ବିଚାର କରିବା ପାଇଁ ଏହି ଆଇନ୍‌ରେ ପ୍ରାବଧାନ

ରହିଛି। ସମାଜରେ ଗରିବ, ଅବହେଳିତ ଏବଂ ସମ୍ବେଦନଶୀଳ ବର୍ଗଙ୍କୁ ଅଧିକ ସୁରକ୍ଷା ଦେବା ସହିତ ନାଗରିକଙ୍କ ଅଧିକାର, ଦକ୍ଷ ନ୍ୟାୟ ଶାସନ ଏବଂ ନ୍ୟାୟ ପ୍ରଣାଳୀକୁ ତ୍ୱରିତ କରିବା ପାଇଁ ଆଇନ୍‌ର ବ୍ୟବସ୍ଥା ରହିଛି।

## ବିଜେପି-ସମ୍ବର୍ଦ୍ଧନା ଉତ୍ସବ

ଭାରତୀୟ ଜନତା ପାର୍ଟି ପକ୍ଷରୁ ଭୁବନେଶ୍ୱରଠାରେ ଆଜି ବିଜୟ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟବାସୀଙ୍କୁ ଦଳର ନେତାମାନେ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଦଳର ସମସ୍ତ ସାଂସଦ ଓ ବିଧାୟକମାନେ ଉପସ୍ଥିତ ଅଛନ୍ତି। ଭୁବନେଶ୍ୱର ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଦଳର ପ୍ରମୁଖ ନେତୃବୃନ୍ଦ ଜାତୀୟ ସ୍ତରର ନେତାମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ିବା ଲକ୍ଷ୍ୟ ନେଇ କାମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ସେ କହିଛନ୍ତି, ଦଳ ପକ୍ଷରୁ ଦିଆଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତିକୁ ନିଶ୍ଚିତ ରୂପେ କାର୍ଯ୍ୟକାରୀ କରାଯିବ। ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାଠାରୁ ଆରମ୍ଭ କରି ବିଜେପି ପକ୍ଷରୁ ଦିଆଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବା ପାଇଁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି, ଓଡ଼ିଶା ଆସନ୍ତା ୫ ବର୍ଷ ମଧ୍ୟରେ ରେଳବାଇ କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାର ନୂଆ ପ୍ରକଳ୍ପ ପାଇବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସଭାରେ ତାଙ୍କ ଦଳକୁ ବିପୁଳ ସଂଖ୍ୟାରେ

ଭୋଟ୍ ଦେଇଥିବାରୁ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କୁ କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥି ଧନ୍ୟବାଦ ଦେଇଥିଲେ।

## ଧର୍ମେନ୍ଦ୍ର ପ୍ରଧାନ-ହୁଲ୍ ଦିବସ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୁଲ୍ ଦିବସ ଅବସରରେ ସାନ୍ତାଳ ବିଦ୍ରୋହର କ୍ରାନ୍ତିକାରୀ ଯୋଦ୍ଧାଙ୍କୁ ସ୍ମରଣ କରିଛନ୍ତି। ଜନଜାତି ବୀର ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସାମାଜିକ ଗଣମାଧ୍ୟମରେ ଶ୍ରୀ ପ୍ରଧାନ କହିଛନ୍ତି, ଜନଜାତି ସମାଜର ଏକଜୁଟ ସଂଘର୍ଷ ବ୍ରିଟିଶ ଶାସନର ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲା। ନିଜ ସଂସ୍କୃତି, ଜଙ୍ଗଲ, ମାଟି ଓ ଅଧିକାରର ସୁରକ୍ଷା ପାଇଁ ବ୍ରିଟିଶମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିବା ସିଦ୍ଧୋ-କାହ୍ନୁ, ଚାନ୍ଦଭୈରବ ଓ ଫୁଲୋ-ଝାନୋଙ୍କ ପରି ଆଦିବାସୀ ବୀର ଓ ବୀରାଙ୍ଗନାଙ୍କ ଅମରଗାଥା ଭାରତୀୟମାନଙ୍କ ପାଇଁ ପ୍ରେରଣା ଓ ଗୌରବର ଉତ୍ସ ହୋଇ ରହିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ମୁଖ୍ୟ ଶାସନ ସଚିବ-ଦାୟିତ୍ୱ ଗ୍ରହଣ

ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମନୋଜ ଆହୁଜା ରାଜ୍ୟର ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ହେବ। ୧୯୯୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ଶ୍ରୀ ଆହୁଜା ଖୋର୍ଦ୍ଧା ଜିଲ୍ଲାପାଳ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପୂର୍ବରୁ ଶ୍ରୀ ଆହୁଜା କେନ୍ଦ୍ର କୃଷି ମନ୍ତ୍ରଣାଳୟର ସଚିବ ଦାୟିତ୍ୱ

ତୁଲାଇଥିଲେ । ଶ୍ରୀ ଆହୁଜାଙ୍କର କାର୍ଯ୍ୟକାଳ ଆସନ୍ତା ଡିସେମ୍ବର ମାସରେ ଶେଷ ହେବ ।

ସୂଚନାଯୋଗ୍ୟ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ଆଜି ଶେଷ ହେଉଛି ।

## ରେଳମନ୍ତ୍ରୀ-ରଥଯାତ୍ରା ସମୀକ୍ଷା

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ପୁରୀ ରେଳଷ୍ଟେସନ୍ ପରିଦର୍ଶନ କରିବା ସହିତ ରଥଯାତ୍ରା ପାଇଁ ରେଳବାଇର ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ରେଳବାଇ ପକ୍ଷରୁ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ କରାଯାଉଥିବା ବ୍ୟବସ୍ଥାର ନିରୀକ୍ଷଣ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଉତ୍ତମ ଯାତ୍ରୀ ସୁବିଧା ଯୋଗାଇ ଦେବା ସହିତ ଯାତ୍ରୀଙ୍କ ସାମଗ୍ରୀକ ଯାତ୍ରା ଅଭିଜ୍ଞତା ସୁଖଦ କରିବା ପାଇଁ ଭାରତୀୟ ରେଳବାଇ ପ୍ରତିବଦ୍ଧ । ଯାତ୍ରୀମାନଙ୍କ ସୁବିଧା ପାଇଁ ଚଳିତବର୍ଷ ମୋଟ୍ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଉଛି । ଏଗୁଡ଼ିକ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ ପୁରୀ ସହିତ ସଂଯୁକ୍ତ କରିବ । ପୁରୀକୁ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲା ସହିତ ଯୋଡ଼ିବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ଅନ୍ୟ କେତେକ ସ୍ଥାନରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ଯୋଜନା କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଆଇନ୍ ସଚେତନତା କର୍ମଶାଳା

ଦେଶରେ ଆସନ୍ତାକାଲିଠାରୁ ଲାଗୁ ହେବାକୁ ଥିବା ୩ଟି ନୂତନ ଅପରାଧିକ ଆଇନ୍ ତଥା ନାଗରିକ ସୁରକ୍ଷା ଆଇନ୍‌କୁ ନେଇ ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟଠାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନୟନ ଚନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ବିଚାରପତିମାନେ ଅତିଥି ଭାବେ ଯୋଗଦେଇ ନୂତନ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବ ପ୍ରଚଳିତ ଭାରତୀୟ ପିଙ୍ଗଲକୋଡ୍ ବା ଆଇପିସି, ସିଆରପିସି ଏବଂ ସାକ୍ଷ୍ୟ ଆଇନ୍ ବଦଳରେ ଆସନ୍ତାକାଲିଠାରୁ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବ। ପୂର୍ବ ପ୍ରଚଳିତ ଆଇନ୍ ଓ ବର୍ତ୍ତମାନ ଲାଗୁ ହେବାକୁ ଥିବା ଆଇନ୍‌ରେ ହୋଇଥିବା ପରିବର୍ତ୍ତନ ଏବଂ ନ୍ୟାୟ ପ୍ରଦାନ ବେଳେ ଏସବୁର ବ୍ୟବହାର ସମ୍ପର୍କରେ ଆଲୋଚନା ହୋଇଥିଲା।

## କନେଷ୍ଟବଳ ସଂଘର କର୍ମକର୍ତ୍ତା ନିର୍ବାଚନ

ବ୍ରହ୍ମପୁର ପୁଲିସ୍ ଜିଲ୍ଲା ହାବିଲଦାର ଓ କନେଷ୍ଟବଳ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ।  ବ୍ରହ୍ମପୁର ଏସ୍‌ପି ତଥା ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁସାରେ ନାମାଙ୍କନ ଦାଖଲ ପ୍ରକ୍ରିୟା ଆସନ୍ତାକାଲି ପର୍ଯ୍ୟନ୍ତ ଚାଲୁ ରହିବ।  ଆସନ୍ତା ୪ ତାରିଖ ଗୁରୁବାର ଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୫ ତାରିଖରେ ସଂଘର କର୍ମକର୍ତ୍ତା ନିର୍ବାଚନ ଏବଂ ୨୬ ତାରିଖରେ ଭୋଟ ଗଣତି ହେବ। ୨୮ ତାରିଖ ଦିନ

ଜିଲ୍ଲା ହାବିଲଦାର ଓ କନେଷ୍ଟବଳ ସଂଘର ନିର୍ବାଚିତ ପ୍ରାର୍ଥୀମାନେ ଶପଥ ନେବେ ବୋଲି ଜଣାପଡିଛି ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ । ପାଣିପାଗ ବିଭାଗର ସୂଚନା ଅନୁସାରେ, ବାଲେଶ୍ୱର, କେନ୍ଦ୍ରାପଡା, ଭଦ୍ରକ, ଜଗତ୍‌ସିଂପୁରର ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷାର ସମ୍ଭାବନା ଅଛି ।

**********************************